## ସଂକ୍ଷେପରେ

### କରୋନାରୁ ରକ୍ଷା ଲାଗି ସଚେତନତା ରଥ

ହିଞ୍ଜିଳିକାଟୁ,୯।୧୧(ଡି.ଏନ୍.ଏ)-କରୋନା ଭୂତାଣୁଠାରୁ ରକ୍ଷା ପାଇବା ପାଇଁ ଏକ ସଚେତନତା ରଥ ସୋମବାର ମ୍ୟୁନିସିପାଲିଟି ପକ୍ଷରୁ ବୁଲିଛି। ବିଭିନ୍ନ ସାହି ବସ୍ତିରେ ଏହି ରଥ ଲୋକଙ୍କୁ କରୋନା ଓ ପରିବେଶ ସ୍ୱଚ୍ଛତା ପାଇଁ ସଚେତନତା କରିବା ସହ ନିୟମ ପାଳନ ପାଇଁ ଦସ୍ତଖତ ସଂଗ୍ରହ କରାଯାଇଛି। ଶୀତ ଋତୁରେ ଭୁତାଣୁ ସଂକ୍ରମଣ ଅଧିକ ଆଶଙ୍କା ପ୍ରକାଶ ପାଇଛି। ତେଣୁ ସାମାଜିକ ଦୂରତା, ମାସ୍କ ବ୍ୟବହାର, ନିୟମିତ ହାତକୁ ସାବୁନ ଓ ସାନିଟାଇଜ୍‌ରେ ପରିଷ୍କାର କରିବା, ପରିବେଶ ପରିଷ୍କାର ରଖିବାକୁ ବିଭିନ୍ନ ୱାର୍ଡରେ ଲୋକଙ୍କ ଦସ୍ତଖତ ସଂଗ୍ରହ କରାଯାଇଛି। ଏହି ଦସ୍ତଖତ ଅଭିଯାନରେ ବିଭିନ୍ନ ବର୍ଗର ବ୍ୟକ୍ତି ଭାଗ ନେଇଛନ୍ତି।

### ବାଇକ୍ ଦୁର୍ଘଟଣାରେ ଗୁରୁତରଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ,୯।୧୧(ଡି.ଏନ୍.ଏ)- ହିଞ୍ଜିଳି ଥାନା ଚୈତନ୍ୟପଡ଼ାର କାଙ୍ଗାଳି ଦାଶଙ୍କୁ ଗତ ୧ ତାରିଖ ସନ୍ଧ୍ୟାରେ ଜାତୀୟ ରାଜପଥ ନଂ ୫୯ ଚୈତନ୍ୟପଡ଼ାଠାରେ ଏକ ବାଇକ୍ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ହୋଇ ପ୍ରଥମେ ବ୍ରହ୍ମପୁର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗତ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ କାଙ୍ଗାଳିଙ୍କ ସ୍ତ୍ରୀ ରମା ରବିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୦୪/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଗଜପତିରୁ ୯ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,୯।୧୧(ଡି.ଏନ୍.ଏ.)- ଗଜପତି ଜିଲାରେ ସୋମବାର ପୁଣି ୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ପାରଳାଖେମୁଣ୍ଡି ସହରରେ ୫ଜଣ କରୋନା ଆକ୍ରାନ୍ତ ହୋଇଥିବା ବେଳେ ମୋହନାରେ ୩ ଏବଂ ରାୟଗଡ଼ ବ୍ଲକରେ ଜଣେ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୩୮୯୯ ପହଞ୍ଚିଛି। ସମସ୍ତ ଆକ୍ରାନ୍ତ କୋଭିଡ୍ ଡାକ୍ତରଖାନା ଓ ଘରୋଇ ଏକାନ୍ତବାସରେ ରହିଥିବା ଜିଲାପାଳ ଅନୁପମ ସାହା ଏହା ପ୍ରେସ୍ ବାର୍ତ୍ତା ମାଧମରେ ସୂଚନା ଦେଇଛନ୍ତି ।

### କଳାକାର ମହାସଂଘର ବୈଠକ

ପୁରୁଷୋତ୍ତମପୁର,୯।୧୧(ଡି.ଏନ.ଏ.)- ତାରାତାରିଣୀ ପୀଠରେ ଗଞ୍ଜାମ ଜିଲା କଳାକାର ମହାସଂଘର ବୈଠକ ରବିବାର ସଭାପତି ଅନିଲ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାକାରମାନେ ଦୁର୍ଦ୍ଦିନରେ ଜୀବନ କାଟି ପରିବାର ପ୍ରତିପୋଷଣରେ କରୁଥିବାରୁ ଶୀଘ୍ର କଳା ପରିବେଷଣ ଲାଗି ଅନୁମତି ପ୍ରଦାନ କରିବାକୁ ଦାବି ହୋଇଥିଲା। ଏଥିସହ ଆସନ୍ତା ଡିସେମ୍ବରରେ ବାର୍ଷିକ ଉତ୍ସବ ଓ ସମ୍ମିଳନୀ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ସୁଶାନ୍ତ ପଟ୍ଟନାୟକ, ଉପଦେଷ୍ଟା ନାଟ୍ୟ ପ୍ରଦୀପ ମଦନ ମିଶ୍ର, ସାଧାରଣ ସମ୍ପାଦକ ଟୁଟୁ ପାଢ଼ୀ, ମିଟୁ ଦୋରା, ଜନାର୍ଦ୍ଦନ ବେହେରା, ସୀମାଞ୍ଚଳ ମହାନ୍ତି, କାହ୍ନୁ ମହାପାତ୍ରଙ୍କ ସମେତ ଜିଲାର ବହୁ କଳାକାର ଯୋଗ ଦେଇଥିଲେ।

### ପାଚିକା ସହାୟିକା ସଂଘର ବୈଠକ

ପୋଲସରା,୯।୧୧(ଡି.ଏନ.ଏ.)- ପୋଲସରା ସହରର ୧୯ନଂ ୱାର୍ଡ ଲୁଣିଘାଟି ସ୍ଥିତ ଶୈବପୀଠ ପରିସରରେ ରବିବାର ସଂଘର ସଭାପତି ପ୍ରମୋଦ କୁମାର ରଥଙ୍କ ଅଧକ୍ଷତାରେ ପାଚିକା ସହାୟିକା ସଂଘର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପାଚିକାମାନଙ୍କର ମୌଳିକ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ରାଜ୍ୟ ସରକାର ପାଚିକାମାନଙ୍କୁ ୧୪ ଶହ ଟଙ୍କା ପ୍ରଦାନ କରୁଛନ୍ତି। ଯାହା ଚଳିବା କଷ୍ଟକର ହୋଇପଡୁଛି। ତେଣୁ ସରକାର ଦୈନିକ ମଜୁରି ହିସାବରେ ପ୍ରଦାନ କରିବା ଆବଶ୍ୟକ, କରୋନା ସହାୟତା ଲାଗି ୧୦ ହଜାର ଟଙ୍କା ଦେବାକୁ ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା। ଏଥିସହ ୧୨ ଦଫା ଦାବିପତ୍ର ଗଞ୍ଜାମ ଜିଲାପାଳ, ବିଡିଓ ପ୍ରମୁଖଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ ଲାଗି ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୨୬ ତାରିଖରେ ହେବାକୁ ଥିବା ଭାରତ ବନ୍ଦ ଡାକରାକୁ ଶାନ୍ତିପୂର୍ଣ୍ଣ ଭାବେ ସମର୍ଥନ ଜଣାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ମଧାହ୍ନ ଭୋଜନ ପାଚିକା ସହାୟିକା ସଂଘର ମୁଖ୍ୟ ଉପଦେଷ୍ଟା ସତ୍ୟବାନ ପ୍ରଧାନ, କାର୍ଯ୍ୟକାରୀ ସଭାନେତ୍ରୀ ବିଷ୍ଣୁ ଭୂୟାଁ, ସମ୍ପାଦିକା ଶସ୍ମିତା ପତି, ଉପଦେଷ୍ଟା ଶଙ୍କର ଡାକୁଆ, ବିନିତା ନାୟକ, ଛବି ବରାଡ଼, ମଞ୍ଜୁ ପ୍ରଧାନ, ଅନିତା ଡାକୁଆ, କୁନି ବାଡ଼ତ୍ୟା ପ୍ରମୁଖଙ୍କ ସମେତ ବହୁ ପାଚିକାମାନେ ଯୋଗ ଦେଇଥିଲେ।

# ଲଘୁ ଖଣିଜ ସଇରାତ ଉପରେ ନଜର ରଖ

ଛତ୍ରପୁର,୯।୧୧(ଡି.ଏନ.ଏ)

ଛତ୍ରପୁର ସବ୍‌ଡିଭିଜନସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ସୋମବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ୍ ହଲରେ ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ । ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ରାଜସ୍ୱ ଲକ୍ଷ୍ୟ ପୂରଣ କରିବା ଓ ନିଜ ନିଜ ଅଞ୍ଚଳର ବଳକା ଥିବା ବାଲି ଓ ପଥର ସଇରାତଗୁଡ଼ିକୁ ଲିଜ୍ ଦେବାକୁ ତହସିଲଦାରମାନଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ବେଆଇନ୍ ବାଲି, ଗୋଡି ଓ ମୋରମ ବୋଝେଇ ଟ୍ରକ୍ ଓ ଟ୍ରାକ୍ଟର ଧରପଗଡ କରି ଉପଯୁକ୍ତ କର ଆଦାୟ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ସମସ୍ତ ପଥର ଖାଦାନ ତଦନ୍ତ କରି ଆଦେଶ ଠାରୁ ଅଧିକ ପଥର ଆମଦାନୀ ଉପରେ ନଜର ରଖିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ରାଜସ୍ୱ ଅଭିବୃଦ୍ଧି ନିମନ୍ତେ ସମସ୍ତ ଖାଦାନ ପାଇଁ ବିଜ୍ଞପ୍ତି ଶେଷ କରିବା ପାଇଁ ସେ କହିଥିଲେ । ବକେୟା ବନ୍ଦୋବସ୍ତ ଏବଂ ଗ୍ରାମକଣ୍ଠ ମାମଲା ଗୁଡିକୁ ତ୍ୱରାନ୍ୱିତ କରି ହିତାଧିକାରୀମାନଙ୍କୁ ପଟ୍ଟା ପ୍ରଦାନ କରିବାକୁ କୁହାଯାଇଛି। ଦାଖଲ ଖାରଜ ମାମଲାରେ ସମୟାନୁବର୍ତ୍ତିତା ହୋଇ ଧାର୍ଯ୍ୟ ସମୟରେ ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍କୁଲ ଓ କଲେଜ ପିଲାଙ୍କ ଶିକ୍ଷା ପାଇଁ ଆବଶ୍ୟକ ହେଉଥିବା ସମସ୍ତ ପ୍ରମାଣପତ୍ର ଅନଲାଇନ୍‌ରେ ତୁରନ୍ତ ପ୍ରଦାନ ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉପଖଣ୍ଡରେ ସରକାରଙ୍କ ଦ୍ୱାରା ନିଯୁକ୍ତି ହୋଇଥିବା ଲାଇସେନ୍ସପ୍ରାପ୍ତ ସର୍ଭେୟରଙ୍କ ଦ୍ୱାରା ଜମି ସୀମା ନିର୍ଦ୍ଧାରଣ ମାମଲାଗୁଡ଼ିକର ଶୀଘ୍ର ଫଇସଲା ହେବ ବୋଲି ଉପଜିଲାପାଳ କହିଥିଲେ। ବୈଠକରେ ସହକାରୀ ଜିଲାପାଳ ଅଶୋକ କୁମାର ପ୍ରଧାନ, ରାଜସ୍ୱ ସହାୟକ ମଧୁସ୍ମିତା ନାୟକଙ୍କ ସମେତ ଉପଖଣ୍ଡର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ପରିଦର୍ଶକ, ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ଥିଲେ ।

# ଜନଜାତି ସୁରକ୍ଷା ମଞ୍ଚର ସ୍ମାରକପତ୍ର



ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ମଞ୍ଚର ସଦସ୍ୟ।

ପାରଳାଖେମୁଣ୍ଡି,୯।୧୧

ଆଦିବାସୀ ସମ୍ପ୍ରଦାୟର କେତେକ ଲୋକେ ସ୍ୱଇଚ୍ଛାରେ ନିଜ ଧର୍ମ ପରିବର୍ତ୍ତନ କରୁଛନ୍ତି। ହେଲେ ସେମାନଙ୍କୁ ସଂରକ୍ଷଣ ତାଲିକାରୁ ବାଦ ଦିଆଯାଉନି। ଯଦ୍ୱାରା ସେମାନେ ସରକାରଙ୍କ ପକ୍ଷରୁ ଆଦିବାସୀ ଜନଜାତିଙ୍କୁ ଦିଆଯାଉଥିବା ସମସ୍ତ ସୁବିଧାର ଫାଇଦା ନେଉଛନ୍ତି। ଏପଟେ ଜନଜାତି ବର୍ଗର ପ୍ରକୃତ ହିତାଧିକାରୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହାର ବିରୋଧ କରି ସୋମବାର ପାରଳାଖେମୁଣ୍ଡିଠାରେ ଗଜପତି ଜିଲା ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ସମ୍ପାଦକ ଆଦିକାନ୍ତ ରଇତଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଛି। ଏଥିସହ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜନଜାତି ମଞ୍ଚ ଆଦିବାସୀଙ୍କ ସ୍ୱାର୍ଥ ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

# ଏସ୍‌କେସିଜି କଲେଜ ପୁରାତନ ଛାତ୍ର ସଂସଦ ବୈଠକ


ବୈଠକରେ ଆଲୋଚନା ଚାଲିଛି।

ପାରଳାଖେମୁଣ୍ଡି,୯।୧୧

ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ କଲେଜ ପୁରାତନ ଛାତ୍ର ସଂସଦର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର କାର୍ଯ୍ୟକାରୀ ସଭାପତି ମହମ୍ମଦ ନାସିର ବେଗ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଥମେ ଦିବଙ୍ଗତ ସଦସ୍ୟ ରାମଚନ୍ଦ୍ର ମହାରଣା, ପ୍ରସନ୍ନ ପଟ୍ଟନାୟକ, ବଟକୃଷ୍ଣ ପାତ୍ର, ମିନାକ୍ଷୀ ସାହୁ, ପ୍ରଦୀପ କୁମାର ପାଢୀ, ଗାୟତ୍ରୀ ଦେବୀ ଓ ରବି ନାରାୟଣ ପାଢ଼ୀଙ୍କ ଉଦ୍ଦେଶ୍ୟରେ ବୈଠକରେ ଶୋକ ପ୍ରକାଶ କରାଯାଇଥିଲା । ଏହାପରେ ଦୀର୍ଘବର୍ଷ ଧରି ଶିଥିଳ ହୋଇପଡ଼ିଥିବା ପୁରାତନ ସଂସଦ କିଭଳି ପୁନଃସକ୍ରିୟ ହୋଇ କଲେଜର ବିକାଶ ଦିଗରେ ପଦକ୍ଷେପ ନେବ ସେ ଦିଗରେ କେତେକ ପ୍ରସ୍ତାବ ଗୃହୀତ ହୋଇଥିଲା। ଗତ ପ୍ରାୟ ୫ ବର୍ଷ ହେଲା କଲେଜ ପରିଚାଳନା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ, ପୁରାତନ ଛାତ୍ର ସଂସଦର ପରିଚାଳନାରେ ବାଧା ସୃଷ୍ଟି କରି ଆସୁଛନ୍ତି। ଏ ସମ୍ପର୍କରେ ୟୁଜିସିର ଦୃଷ୍ଟିକୁ ଆଣିବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ସର୍ବସମ୍ମତିକ୍ରମେ ମତପ୍ରକାଶ ପାଇଥିଲା ।

ଏଣିକି ପ୍ରତି ମାସରେ ଥରେ ବୈଠକ କରାଯିବା, ପୂର୍ବରୁ ପୁରାତନ ଛାତ୍ର ସଂସଦର ରହିଥିବା ଯୁଗ୍ମ ଆକାଉଣ୍ଟରୁ ଜାଲିଆତି କରି ଲକ୍ଷାଧିକ ଟଙ୍କା ଉଠାଣ ଘଟଣାରେ ସମ୍ପୃକ୍ତ ଥିବା ତତ୍କାଳୀନ ଏସବିଆଇର ମୁଖ୍ୟ ପରିଚାଳକ ଓ ତତ୍କାଳୀନ ଅଧ୍ୟକ୍ଷ ଓ ଅନ୍ୟମାନଙ୍କ ନାଁରେ ମାମଲା ରୁଜୁ ଆଦି ପଦକ୍ଷେପ ନେବା, ପୁରାତନ ଛାତ୍ର ସଂସଦର ଆଇନ ପରାମର୍ଶଦାତା ଭାବେ ହୀରାଚାନ୍ଦ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯିବା ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକ ଶେଷରେ ଅମୂଲ୍ୟ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ପିଏଫ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୯।୧୧

ବ୍ରହ୍ମପୁର ରେଲୱେ ସୁରକ୍ଷା ବଳ (ଆରପିଏଫ୍) ତରଫରୁ ରେଳ ଷ୍ଟେଶନରେ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ଜାରି କରାଯାଇଥିବା ସିକ୍ୟୁରିଟି ହେଲ୍ପ ଲାଇନ୍ ନମ୍ବର-୧୮୨ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ରେଳଧାରଣା ପାରି ନ ହେବା, ଯାତ୍ରା ସମୟରେ କବାଟ ପାଖରେ ନ ବସିବା, ଅଜଣା ବ୍ୟକ୍ତିଙ୍କଠାରୁ ଖାଦ୍ୟ ଗ୍ରହଣ ନ କରିବା, ବିନା ଟିକଟରେ ଯାତ୍ରା ନ କରିବା, କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ କିମ୍ବା ଅନ୍ୟ କିଛି ସମସ୍ୟା ହେଲେ ତୁରନ୍ତ ଆରପିଏଫକୁ ଖବର ଦେବାକୁ ଯାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଆରପିଏଫ୍ ଥାନା ଅଧିକାରୀ ଦିଲୀପ କୁମାରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଡିସେମ୍ବର ୧୨ରେ ଓକିଲ ସଂଘ ନିର୍ବାଚନ ଲାଗି ପ୍ରକ୍ରିୟା ଆରମ୍ଭ

ବ୍ରହ୍ମପୁର ଅଫିସ,୯।୧୧

କରୋନା ପାଇଁ ବାତିଲ କରାଯାଇଥିବା ଓକିଲ ସଂଘ ନିର୍ବାଚନ ପୁଣିଥରେ କରିବାକୁ ନିଷ୍ପତ୍ତି ହୋଇଛି। ସେହି ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ବାର୍ କାଉନସିଲ ତରଫରୁ ବିଜ୍ଞପ୍ତି ଜାରି କରାଯାଇଛି। ଡିସେମ୍ବର ୧୨ତାରିଖରେ ନିର୍ବାଚନ କରି ସନ୍ଧ୍ୟାରେ ଫଳାଫଳ ପ୍ରକାଶ କରାଯିବ ବୋଲି ନିର୍ଦ୍ଦେଶ ରହିଛି। ଗଞ୍ଜାମ ଓକିଲ ସଂଘ ନିର୍ବାଚନ ପାଇଁ ଆସନ୍ତା ୧୮ତାରିଖରେ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ଆଇନଜୀବୀ ତଥା ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ପୂର୍ବରୁ ଯେଉଁମାନେ ନାମାଙ୍କନ ଦାଖଲ କରିଥିଲେ ସେମାନେ ପୁଣିଥରେ ନାମାଙ୍କନ ଦାଖଲ କରିବେ। ସବୁ କିଛି ନୂତନ ପ୍ରକ୍ରିୟାରେ ଆରମ୍ଭ ହେବ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି। ବାର୍ କାଉନସିଲର ବିଜ୍ଞପ୍ତି ଅନୁସାରେ ଆସନ୍ତା ୨୪ ଓ ୨୫ ତାରିଖରେ ନାମାଙ୍କନ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସେହିପରି ୨୬ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୨୭ରେ ତାଲିକା ପ୍ରକାଶ କରାଯିବ। ୨୮ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ରଖାଯାଇଛି। ସେହିଦିନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ମଧ୍ୟ ପ୍ରକାଶ ପାଇବ ବୋଲି ବାର୍ କାଉନସିଲର ଚିଠିରେ ଉଲ୍ଲେଖ ରହିଛି।

# କୃଷି ଯାନ୍ତ୍ରିକୀକରଣ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ


ତାଲିମ କାର୍ଯ୍ୟକ୍ରମ।

ଆର.ଉଦୟଗିରି,୯।୧୧(ଡି.ଏନ.ଏ.)

ଆର.ଉଦୟଗିରିଠାରେ ମକା ଫସଲ ଚାଷରେ କୃଷି ଯାନ୍ତ୍ରିକକରଣ ସମ୍ବନ୍ଧୀୟ ଅନଲାଇନ ତାଲିମ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ଓଡିଶା ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ପ୍ରାଣୀଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ସର୍ବ ଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ ଜଣ ଅଗ୍ରଣୀ ଚାଷୀ, ଅନେକ କୃଷିବିତ, ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମଚାରୀମାନେ ଯୋଗଦେଇ ଓୟୁଏଟି ମକା ଚୋପା ଓ ମଞ୍ଜି ଛଡାଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ଭର୍ଚ୍ଚୁଆଲ କନଫରେନ୍ସିଂ ଜରିଆରେ ଦେଖିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ରାଜ୍ୟରେ ମକା ଫସଲରେ ଉପଯୋଗୀ ସାବ୍ୟସ୍ତ ହେଉଥିବା ଅନେକଗୁଡ଼ିଏ ବଳଦ ଟଣା ଉନ୍ନତ କୃଷି ଯନ୍ତ୍ରପାତିର କାର୍ଯ୍ୟକାରିତା ସମ୍ପର୍କରେ ବୁଝାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ସଂଗ୍ରାମ ପରମଗୁରୁ ଓ କୃଷି ଯାନ୍ତ୍ରିକ ବୈଜ୍ଞାନିକ ଇଂ ଦ୍ୱାରିକା ମୋହନ ଦାସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଟ୍ରାକ୍ଟର ଚାଳିତ ଓ ଶକ୍ତି ଚାଳିତ ମକା ଚୋପା ଓ ମଞ୍ଜି ଛଡ଼ା ଯନ୍ତ୍ରଗୁଡ଼ିକୁ ଭର୍ଚ୍ଚୁଆଲ କନଫରେନ୍ସିଂ ଜରିଆରେ ଚାଷୀମାନେ ଦେଖିଥିଲେ।

# ବେଲଗୁଣ୍ଠା-ବୁଗୁଡ଼ା ରାସ୍ତା ମରଣଯନ୍ତା

ଭଞ୍ଜନଗର,୯।୧୧(ଡି.ଏନ.ଏ)


ଆମ୍ବପୁଆ ଗ୍ରାମ୍ୟ ଉନ୍ନୟନ ରାସ୍ତା।

**ରାସ୍ତା ମରାମତି ଚୁକ୍ତି ଭୁଲିଯାଉଛି ବିଭାଗ**

ଭଞ୍ଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ଅଧିନରେ ଥିବା ଅନେକ ରାସ୍ତାର ଅବସ୍ଥା ଏବେ ଦୟନୀୟ। ସେଥିମଧ୍ୟରୁ ବେଲଗୁଣ୍ଠା ଭାୟା ଆମ୍ବପୁଆ-ବୁଗୁଡ଼ା ରାସ୍ତା ଅନ୍ୟତମ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଯୋଜନାରେ ଉକ୍ତ ରାସ୍ତା କାମ ୨ଟି ପର୍ଯ୍ୟାୟରେ ହୋଇଥିଲା। ପ୍ରଥମ ପର୍ଯ୍ୟାୟ କାମକୁ ଇତିମଧ୍ୟରେ ୫ବର୍ଷ ପୂରିବାକୁ ଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ନିର୍ମିତ ରାସ୍ତାକୁ ୩ବର୍ଷ ହେବ। ନିର୍ମାଣର ୫ବର୍ଷ ମଧ୍ୟରେ ରାସ୍ତା ଖରାପ ହେଲେ ଠିକାଦାର ମରାମତି କରିବା ନିୟମ ଅଛି। କିନ୍ତୁ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଉକ୍ତ ରାସ୍ତାଟି ବର୍ତ୍ତମାନ ମରଣଯନ୍ତା ପାଲଟିଛି। ରାସ୍ତାରେ ଅନେକ ଛୋଟବଡ଼ ଖାଲ ହୋଇଛି। ଲୋକେ ଅଭିଯୋଗ କଲେ ମଧ ଧର୍ମକୁ ଆଖି ଠାର ଭଳି ମରାମତି କରାଯାଉଛି। କିଛିଦିନ ପରେ ପୁଣି ସମାନ ଅବସ୍ଥା। କୋଟି କୋଟି ଟଙ୍କା ବ୍ୟୟରେ ରାସ୍ତାକାମ କରାଯାଉଥିବା ବେଳେ କମ୍ ଦିନ ଖରାପ ହୋଇଯାଉଛି। ଯାହାକୁ ନେଇ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୈନନ୍ଦିନ ଉକ୍ତ ରାସ୍ତାରେ ଶହଶହ ଛୋଟବଡ଼ ଗାଡ଼ି ଚଳପ୍ରଚଳ କରୁଛି। ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବେଲଗୁଣ୍ଠା ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କ ସହ ଏନେଇ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଉକ୍ତ ରାସ୍ତା ମରାମତି ପାଇଁ ପଦକ୍ଷେପ ନିଆଯାଇଛି। ୧୫ଦିନ ମଧ୍ୟରେ ମରାମତି କାମ ସରିବ।

# ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ପାରଳାଖେମୁଣ୍ଡି,୯।୧୧

ମୋହନାସ୍ଥିତ ଏମ୍‌କେସିଜି ଦୃଷ୍ଟିହୀନ ବଧିର ସ୍ୱତନ୍ତ୍ର ବିଦ୍ୟାଳୟର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ସମ୍ପାଦକ ଦଣ୍ଡାସୀ ସାହୁଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା ଦୁର୍ଯ୍ୟୋଧନ କରାଡ, ବସୁନ୍ଧରା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଂଯୋଜକ ଆଦିତ୍ୟ ପଣ୍ଡା, ରାମେଶ୍ୱର ପାତ୍ର ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ। ଦିବ୍ୟାଙ୍ଗ ପିଲାଟିଏ ପାଠ ନ ପଢ଼ି ଅବହେଳିତ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବ। ତେଣୁ ଏପରି ପିଲାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆଲୋଚନା କରାଯାଇଥିଲା। କରୋନା ମହାମାରୀ ପରିସ୍ଥିତିରେ କିପରି ଛାତ୍ରଛାତ୍ରୀ ପଢ଼ିପାରିବେ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ବୈଠରେ ପରିଚାଳନା କମିଟି ସଦସ୍ୟ ସୁରେନ୍ଦ୍ର ଜେନା, ରବି ସାମନ୍ତରା, ପ୍ରକାଶ ପାଇକ ପ୍ରମୁଖ ଉପସ୍ଥିତ ଥିଲେ।

# ଭତ୍ତାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ

ଚିକିଟି,୯।୧୧(ଡି.ଏନ.ଏ.)

ସରକାର ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗମାନଙ୍ଗ ପାଇଁ ବିଭିନ୍ନ ଭତ୍ତା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ କେତେଜଣ ସରକାରୀ କର୍ମଚାରୀଙ୍କ ଦାୟିତ୍ୱହୀନତା ଓ ଅବହେଳା ଯୋଗୁ ପ୍ରକୃତ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି । ଚିକିଟି ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତରେ ଏଭଳି ଦେଖିବାକୁ ମିଳୁଛି । ଉକ୍ତ ପଞ୍ଚାୟତର ଜଗମୋହନପୁର ଗ୍ରାମର ଅବିବାହିତା କନକ ସାହୁ, ଚାନ୍ଦପୁର ଗ୍ରାମର ଦିପକ ଗୌଡ, ଲାଓବାଡି ଗ୍ରାମର ଟଭି ନାଇକ ଓ ଚନ୍ଦ୍ରମା ବେହେରା ଭତ୍ତା ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ ସେଥିରୁ ବଞ୍ଚିତ ଅଛନ୍ତି। ଭତ୍ତା ପାଇଁ ୨ବର୍ଷ ହେଲା ଏମାନେ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ବ୍ଲକ୍ ଓ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। କୌଣସି ସୁଫଳ ନ ମିଳିବାରୁ ବ୍ରହ୍ମପୁର ଜିଲା ଜଜ୍ କୋର୍ଟସ୍ଥିତ ସ୍ଥାୟୀ ଲୋକ ଅଦାଲତରେ ପୃଥକ୍ ଭାବେ ଜଣାଇଥିଲେ। ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ଦିଲୀପ କୁମାର ପଟ୍ଟନାୟକ ଏହାର ବିଚାର କରି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ । ବ୍ରହ୍ମପୁର ଉପଜିଲାପାଳ ଏନେଇ ଚିଠି ନଂ ୪୬୪୪ ଅନୁସାରେ ଗତ ଏପ୍ରିଲ ୨୮ତାରିଖରେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏସବୁକୁ ବ୍ଲକ୍ ପ୍ରଶାସନ ବେଖାତିର କରିଥିବା ହିତାଧିକାରୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏ ପର୍ଯ୍ୟନ୍ତ ଭତ୍ତା ଅର୍ଥରାଶି ମଞ୍ଜୁର କରାଯାଇନଥିବା ଜଣାପଡିଛି। ଏ ସମ୍ପର୍କରେ ଚିକିଟି ବିଡିଓ ଫାଲ୍‌ଗୁନି ମାଝିଙ୍କ ସହ ଯୋଗାଯୋଗ କରିବାରେ ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କ ତାଲିକା ସଂଗ୍ରହ କରିବା ସହ ପ୍ରକୃତ ହିତାଧିକାରୀଙ୍କୁ ଭତ୍ତା ମଞ୍ଜୁର ପାଇଁ ଉଦ୍ୟମ ଚାଲୁ ରହିଥିବା କହିଛନ୍ତି ।

# ୫ ବର୍ଷ ପରେ ବି ଷ୍ଟାଣ୍ଡକୁ ଗଲାନି ବସ୍

ବ୍ରହ୍ମପୁର ଅଫିସ,୯।୧୧



ଗୋପାଳପୁର ବସଷ୍ଟାଣ୍ଡ ।

ଗୋପାଳପୁର ଏନ୍‌ଏସିର ଉନ୍ନତୀ ପାଇଁ ଯୋଜନା ପରେ ଯୋଜନା ହେଉଛି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ରାଜ୍ୟ ସରକାର। ଆଲୋକ ସଜା, ଶିଶୁଉଦ୍ୟାନ, ରାସ୍ତାଘାଟ ନିର୍ମାଣରେ ବହୁ ଟଙ୍କା ବ୍ୟୟ ହେଉଛି। ଗୋପାଳପୁର ବେଳାଭୂମିକୁ ବହୁ ପର୍ଯ୍ୟଟକଙ୍କର ଆଗମନ ହେଉଥିବାରୁ ସେମାନଙ୍କ ସୁବିଧା ଲାଗି ସମସ୍ତ ବ୍ୟବସ୍ଥା କରାଯାଉଛି। ହେଲେ ବସ୍‌ଷ୍ଟାଣ୍ଡକୁ ନେଇ ଉଠିଛି ପ୍ରଶ୍ନ। ଗୋପାଳପୁରେ ବସ୍ ରହଣି ପାଇଁ ୨୦୧୫ ମସିହାରେ ପ୍ରାୟ ୫କୋଟି ଟଙ୍କାରେ ୭ ଏକର ପରିମିତ ଅଞ୍ଚଳରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଗଲା। ବସ୍ ରହିବାଠାରୁ ଆରମ୍ଭ କରି ବିଶ୍ରାମଗୃହ, ଶୌଚାଳୟ, ଟିକେଟ କାଉଣ୍ଟର ଆଦି କରାଗଲା। ହେଲେ ଏ ଯାଏ ବି ସେଠାକୁ ବସ୍ ଗଡିଲାନି। ଏନଏସି ମୁଖ୍ୟ ରାସ୍ତାରେ ବସ୍ ରହୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରେ ସେ କହିଛନ୍ତି, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବସଷ୍ଟାଣ୍ଡ ହେଲା। ବିଡିଏ କିଛି ବର୍ଷ ଏହାର ରକ୍ଷଣାବେକ୍ଷଣା କରିବା ପରେ ଖର୍ଚ୍ଚ ଅଧିକ ବଢିଯିବାରୁ ବର୍ଷେ ହେବ ଏନ୍‌ଏସିକୁ ଏହା ହସ୍ତାନ୍ତର ହୋଇଛି। ଅନ୍ୟପକ୍ଷରେ ବସଷ୍ଟାଣ୍ଡକୁ ବସ୍ ଆସିବ କି ନାହିଁ ସେ ଉତ୍ତର ବିଡିଏ ପାଖରେ ନାହିଁ। ଆଞ୍ଚଳିକ ପରିବହନ ଅଧିକାରୀକହିଛନ୍ତି, ବର୍ତ୍ତମାନ ୮ରୁ ୧୦ଟି ବସ୍ ଚଳାଚଳ କରୁଛି। କରୋନା ପାଇଁ ଖୁବ୍ କମ୍ ସଂଖ୍ୟକ ଲୋକ ଯିବାଆସିବା କରୁଛନ୍ତି। ଆଗକୁ ବିଭାଗ ତରଫରୁ ଯାହା କରାଯାଇପାରିବ ତାହା କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଗୁରୁତର ଅବସ୍ଥାରେ ଉଦ୍ଧାର ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୯।୧୧-ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବାବାଜୀତୋଟା ସାହିରୁ ସୋମବାର ସକାଳେ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ କାଲୁ ଚରଣ ପାଲ (୨୨)। ଗଜପତି ଜିଲା ମୋହନା ଥାନା ରାଣୀକମା ଗ୍ରାମର ନିର୍ମଳ ପାଲଙ୍କ ପୁଅ କାଲୁ ବ୍ରହ୍ମପୁରରେ ରହି କୋଚିଂ ନେଉଥିଲେ। ସୋମବାର ସକାଳେ ବାବାଜୀତୋଟା ସାହି ରାସ୍ତାକଡ଼ରୁ ତାଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡକାଇ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରଥମେ ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିଲା। ପରେ ତାଙ୍କର ଜଣେ ସାଙ୍ଗ ମେଡିକାଲରେ ପହଞ୍ଚିଥିଲେ। ଘଟଣା ସମ୍ପର୍କରେ କାଲୁଙ୍କ ପରିବାରବର୍ଗଙ୍କୁ ଖବର କରାଯାଇଥିଲା। କାଲୁଙ୍କ ଭାଇ ନୂତନ ପାଲ ବଡ଼ ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଛନ୍ତି। ଏ ନେଇ ବୈଦ୍ୟନାଥପୁର ଥାନା ପୋଲିସ ପ୍ରାଥମିକ ପର୍ଯ୍ୟାୟରେ ନମ୍ବର ୫୧୯/୨୦ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଗଞ୍ଜାମ ସହରରେ ନାହିଁ ଭେଣ୍ଡିଂ ଜୋନ

ଗଞ୍ଜାମ,୯।୧୧(ଡି.ଏନ.ଏ.)-ଗଞ୍ଜାମ ସହର ବ୍ୟବସାୟୀମାନେ ଭେଣ୍ଡିଂ ଜୋନ ପାଇଁ ବାରମ୍ବାର ଦାବି କରି ଆସୁଛନ୍ତି କିନ୍ତୁ କୌଣସି ସୁଫଳ ମିଳୁନି। ଫଳରେ ବ୍ୟବସାୟୀ ଓ ଉଠା ଦୋକାନୀମାନେ ରାସ୍ତା କଡ଼ରେ ପନିପରିବା ବିକ୍ରି କରିବାକୁ ବାଧ ହେଉଛନ୍ତି। ଯଦ୍ୱାରା ଲୋକମାନେ ରୋଡ୍ ଉପରେ ଗାଡ଼ି ରଖି ପରିବା କିଣୁଥିବାରୁ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ପ୍ରକାଶଯୋଗ୍ୟ, ରାସ୍ତା ସମ୍ପ୍ରସାରଣ ବେଳେ ବଣିକ ସଂଘ ପକ୍ଷରୁ ଏନ୍ଏସି କାର୍ଯ୍ୟାଳୟରେ ଭେଣ୍ଡିଂ ଜୋନ ପାଇଁ ବିକ୍ଷୋଭ କରାଯାଇଥିଲା। ସେତେବେଳେ ଏନ୍ଏସି ପ୍ରଶାସନ ଦୁଇ ମାସ ସମୟ ନେଇଥିଲା। କିନ୍ତୁ ତାହା ଅତିକ୍ରମ ହୋଇସାରିଥିବାରୁ ବ୍ୟବସାୟୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ପାଇଁ ବ୍ୟବସାୟୀ ମାନେ ଦାବି କରିଛନ୍ତି।

### ବିପଦସଙ୍କୁଳ ଗଛ କାଟିବାକୁ ଦାବି

ଜି.ଉଦୟଗିରି,୯।୧୧(ଡି.ଏନ.ଏ.)-ଜି.ଉଦୟଗିରି ଶ୍ରୀରାମପଦା (କଲେଜ ରୋଡ)ରେ ବିପଦସଙ୍କୁଳ ଅବସ୍ଥାରେ ଏକ ବଡ଼ ବରଗଛ ରହିଛି। ଏହାର ମୂଳ ଶୁଖି ଉଇ ଲାଗିବା ସହିତ ଦୁର୍ବଳ ହୋଇ ରହିଛି। ସାମାନ୍ୟ ବର୍ଷା ପବନରେ ବି କେତେବେଳେ ରାସ୍ତା ଉପରେ ଏହି ଗଛ ପଡି ଯାଇପାରେ। ଅନେକ ମାସ ହେଲା ଏହିଭଳି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲେ ମଧ୍ୟ ଏହାର ପ୍ରତିକାର କରାଯାଉ ନ ଥିବାରୁ ଦୋକାନୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। କାରଣ ଏହା ଜି.ଉଦୟଗିରି ସାରଙ୍ଗଗଡ଼ ମୁଖ୍ୟ ରାସ୍ତା। କଲେଜ, ବ୍ୟାଙ୍କ ଯିବା ପାଇଁ ଏକ ପ୍ରମୁଖ ଜନଗହଳିପୂର୍ଣ୍ଣ ରାସ୍ତା। ତେଣୁ କିଛି ଅଘଟଣ ଘଟିବା ପୂର୍ବରୁ ଏନ୍ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଗଛ କାଟିବାକୁ ଦାବି ହୋଇଛି।

# ଓଡ଼ିଶା-ଆନ୍ଧ୍ର ବିବାଦସ୍ଥଳରେ ପହଞ୍ଚିଲା ପ୍ରଶାସନ

ପଟ୍ଟାଙ୍ଗୀ,୯।୧୧(ଡି.ଏନ.ଏ.)

ଓଡ଼ିଶା ସୀମାକୁ ଅକ୍ତିଆର କରିବା ନେଇ ସର୍ବଦା ଆନ୍ଧ୍ରର ନଜର ରହିଛି। ସୀମାନ୍ତରେ ବସବାସ କରୁଥିବା ଅଧିବାସୀଙ୍କୁ ନିଜ ରାଜ୍ୟର ବୋଲି ଦାବିକରି ଓଡ଼ିଶା ସୀମାକୁ ପଶୁଛି। କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସମ୍ବାଇ ପଞ୍ଚାୟତର ସୀମାନ୍ତ ଅଞ୍ଚଳ ଉପରେ ଏବେ ଆନ୍ଧ୍ର ନଜର ଲାଗିଛି। ସୀମାରେ ବସବାସ କରୁଥିବା ଅଧିବାସୀ ଆନ୍ଧ୍ରର ବୋଲି ଦାବିକରି ଓଡ଼ିଶା ସୀମାକୁ ଲାଗିଥିବା ସୁନାବେଡା ସୀମାନ୍ତର ଚାଷଜମିକୁ ନେଇ ଏବେ ବିବାଦ ଛିଡା ହୋଇଛି। ପଞ୍ଚାୟତର ସୁନାବେଡ଼ା ଗ୍ରାମ ସହ ଆନ୍ଧ୍ରର ବିଶାଖାପାଟଣା ଜିଲା ଡୁମୁରିଗୁଡା ବ୍ଲକ ଅଧୀନ ବିଟ୍ଟୁଗାଣ୍ଡା, କଲାପୁଟ, ଡେକାପାର, ବଡଲାମ୍ବୁଗୁଡା ଓ ନିତମ୍ବା ଗ୍ରାମର ଗ୍ରାମବାସୀଙ୍କ ଚାଷଜମିକୁ ନେଇ ଆରମ୍ଭ ହୋଇଥିବା ବିବାଦସ୍ଥଳରେ ସୋମବାର ଉପଜିଲାପାଳ ଲଳିତ କୁମାର କଅଁର, ବିଧାୟକ ପ୍ରୀତମ ପାଢ଼ୀ,ସୁନାବେଡା ଏସ୍‌ଡିପିଓ ନିରଞ୍ଜନ ବେହେରା, ବିଡିଓ ମୋନାଲିସା ଦେବତା, ଏସ୍‌ଡିଓ ଗୋବିନ୍ଦ ଚନ୍ଦ୍ର ମାରାଣ୍ଡି, ବ୍ଲକ ଅଧ୍ୟକ୍ଷ ଜଗତ ଜ୍ୟୋତି ପାଙ୍ଗୀ, ସମ୍ବାଇ ସରପଞ୍ଚ ପିଲକ ଗୁଣ୍ଡା, ଜିଲା ପରିଷଦ ସଭ୍ୟ ଲଇଚନ ଖରା ପ୍ରମୁଖ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଓଡ଼ିଶା ସୀମାର ୬୦୦ ମିଟର ଭିତରକୁ ପ୍ରବେଶକରି ଲଗାଇଥିବା ନାମଫଳକକୁ ଜିଲା ପ୍ରଶାସନ ବାହାର କରି ଆନ୍ଧ୍ର ସୀମାନ୍ତ ସ୍ଥାନରେ ଓଡ଼ିଶା ଓ ଆନ୍ଧ୍ରର ନାମଫଳକ ଲଗାଇଛନ୍ତି।



ଜିଲା ପ୍ରଶାସନ ପକ୍ଷରୁ ସ୍ଥିତି ଅନୁଧ୍ୟାନ ପାଇଁ ଆସିଥିବା ଅଧିକାରୀମାନେ।

ଏହି ସମୟରେ ଆନ୍ଧ୍ର ଡେକାପାର ଗ୍ରାମର ମହିଳା ଏବଂ ବଡାଲାମ୍ବା ଗ୍ରାମର କେତେକ ଘଟଣାସ୍ଥଳରେ ପହଞ୍ଚି ଓଡ଼ିଶା ପକ୍ଷରୁ ଯାଇଥିବା ଅଧିକାରୀଙ୍କ ସହ ଯୁକ୍ତିତର୍କ କରି ଆନ୍ଧ୍ରର ନାମଫଳକକୁ କାହିଁକି ଓପାଡିଲ ବୋଲି ପ୍ରଶ୍ନ କରିଥିଲେ। ଉପଜିଲାପାଳ କଅଁର, ବିଧାୟକ ପାଢ଼ୀ, ବ୍ଲକ ଅଧ୍ୟକ୍ଷ ପାଙ୍ଗୀ ଏବଂ ଜିଲା ପରିଷଦ ସଭ୍ୟ ଖରା ପ୍ରମୁଖ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ବୁଝି ନ ଥିଲେ। ଅନ୍ୟପକ୍ଷରେ ଉକ୍ତ ବିବାଦ ଦୁଇ ରାଜ୍ୟ ମଧ୍ୟରେ ଏକ ବୈଠକ କରି ସମାଧାନ କରିବାକୁ ଉପସ୍ଥିତ ୱାର୍ଡସଭ୍ୟ ମୁସୁରି ତାଉତୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକ୍ରା ଖରା, ଏମ୍‌ପି ପ୍ରତିନିଧି ଅର୍ଜୁନ ବାଙ୍କା, ଗୋବିନ୍ଦ ଖରା ଏବଂ ସମ୍ବାଇର ପୂର୍ବତନ ସରପଞ୍ଚ ତ୍ରିନାଥ ପାଙ୍ଗୀ ଉପଜିଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ।

# ବ୍ୟାଙ୍କ କର୍ମଚାରୀରୁ ସଫଳ ଚାଷୀ

ବାଲିଗୁଡ଼ା,୯।୧୧(ଡି.ଏନ୍.ଏ.)

ବ୍ୟାଙ୍କ କର୍ମଚାରୀ ପରେ ସଫଳ ଚାଷୀ ହୋଇଛନ୍ତି ଜଣେ ଯୁବକ। ଏମ୍‌ବିଏ ପଢ଼ା ସାରିବା ପରେ ବ୍ୟାଙ୍କରେ ସେ ଚାକିରି କରିଥିଲେ। କିନ୍ତୁ ଚାଷ ପ୍ରତି ଥିଲା ତାଙ୍କର ଦୁର୍ବଳତା। ଚାକିରି ଛାଡ଼ି ପ୍ରଥମେ କୃଷିଭିତ୍ତିକ ବ୍ୟବସାୟ ଆରମ୍ଭ କରିଥିଲେ। ଆଜି ସିଏ ଜଣେ ସଫଳ କଦଳୀ ଚାଷୀ ଭାବରେ ଅଞ୍ଚଳରେ ବେଶ୍ ଜଣାଶୁଣା। ଏହି ସଫଳ ଯୁବ ଚାଷୀ ଜଣଙ୍କ ହେଉଛନ୍ତି କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ଆଡ଼ିମାହା ଗ୍ରାମପଞ୍ଚାୟତ ସିଟୁପାଜି ଗାଁର ସୁରେଶ କୁମାର ପଣ୍ଡା।

ଏମ୍‌ବିଏ ପଢ଼ା ସରିବା ପରେ ସୁରେଶଙ୍କୁ ବ୍ୟାଙ୍କରେ ଚାକିରି ମିଳିଥିଲେ ମଧ୍ୟ ଚାଷ ପାଇଁ ଚାକିରି ଛାଡ଼ି ବାଲିଗୁଡ଼ାରେ କୃଷିଭିତ୍ତିକ ବ୍ୟବସାୟ ଆରମ୍ଭ କରିଥିଲେ। ୨୦୧୯ ନଭେମ୍ବର ୧୩ରେ ଏକର ଜମିରେ କଦଳୀ ଚାଷ ପାଇଁ ପ୍ରୟାସ ଆରମ୍ଭ କରିଥିଲେ ସୁରେଶ। ପ୍ରଥମେ ୧୦ ହଜାର ଉନ୍ନତ ମାନର ଜି-୯ କଦଳୀ ଗଛ ଲଗାଇ ବଗିଚା ଆରମ୍ଭ କରିଥିଲେ। ବର୍ଷକ ଭିତରେ ନିଜର ଆକ୍ଳାନ୍ତ ପରିଶ୍ରମ ବଳରେ ଫଳାଇଛନ୍ତି ସୁନାର ଫସଲ। ବର୍ତ୍ତମାନ ନିଜସ ଉଦ୍ୟମରେ କରିଥିବା କଦଳୀ ଫାର୍ମରୁ ଜିଲା ସମେତ ଜିଲା ବାହାରକୁ କଦଳୀ ପଠାଉଛନ୍ତି ଏହି ଯୁବଚାଷୀ। ଦୈନିକ ୨୦ରୁ ୩୦ ଜଣ ଶ୍ରମିକ ତାଙ୍କ କଦଳୀ ବଗିଚାରେ କାମ କରି ଉପଯୁକ୍ତ ପାରିଶ୍ରମିକ ପାଇ ସେମାନେ ଖୁସି ଥିବା କହିଛନ୍ତି। ସରକାରୀ ସହାୟତା ଓ ସହଯୋଗ ମିଳିଲେ ନିଜେ ଉପକୃତ ହେବାସହ ଅଞ୍ଚଳବାସୀଙ୍କୁ ଅଧିକ ରୋଜଗାରକ୍ଷମ କରାଇପାରିବେ ବୋଲି ଆଶା ବାନ୍ଧିଛନ୍ତି ସୁରେଶ।


ସଫଳ ଯୁବ ଚାଷୀ ସୁରେଶ ।

# କୋଭିଡ୍ ମୁକାବିଲା ଲାଗି ଖବରଦାତା ସମ୍ମିଳନୀ

ଦିଗପହଣ୍ଡି,୯।୧୧(ଡି.ଏନ୍.ଏ.)

ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ପରିସରରେ ସୋମବାର ଅପରାହ୍ନରେ କୋଭିଡ୍ ମୁକାବିଲା ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ତହସିଲଦାର ଅଦ୍ୱୈତ୍ୟ କୁମାର ସ୍ୱାଇଁ ଯୋଗ ଦେଇଥିଲେ। କାର୍ତ୍ତିକ ମାସରେ ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମୁଥିବାରୁ ସଂକ୍ରମଣର ଆଶଙ୍କା ନେଇ ଡିସେମ୍ବର ୩୧ ଯାଏ ଜନସାଧାରଣ ନିଜ ଘରେ ପୂଜା କରିବା ଆବଶ୍ୟକ। କରୋନାର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣକୁ ସମସ୍ତେ ମିଳିମିଶି ନିୟନ୍ତ୍ରଣ କରିବାକୁ ପ୍ରଶାସନିକ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସୋମବାର ସକାଳରୁ ତହସିଲ ଏନ୍ଫୋର୍ସମେଣ୍ଟ ସ୍କ୍ୱାର୍ଡ ପକ୍ଷରୁ ବିଭିନ୍ନ ମଠ, ମନ୍ଦିର ଓ ଶୈବ ପୀଠ ଗୁଡିକରେ ଚଢ଼ାଉ କରାଯାଇ ମନ୍ଦିର ପରିଚାଳନା କମିଟି କର୍ତ୍ତୃପକ୍ଷ ସହ ଆଲୋଚନା କରି ସମବେତ ଶ୍ରଦ୍ଧାଳୁଙ୍କ ଦାରା ପୂଜାର୍ଚ୍ଚନା ବନ୍ଦ କରାଯାଇଥିଲା। ଏପରିକି କିଛି ଶୈବପୀଠ ମୁଖ୍ୟ ଫାଟକଗୁଡ଼ିକରେ ତାଲା ପକା ଯାଇଥିବା ସେ କହିଥିଲେ। ବର୍ତ୍ତମାନ ସ୍ଥିତିରେ ସୁସ୍ଥ ହେବାର ୬ ମାସ ଠାରୁ ପ୍ରାୟ ୧ ବର୍ଷ ପର୍ଯ୍ୟନ୍ତ ରୋଗୀଙ୍କ କ୍ଷେତ୍ରରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଆସିପାରେ। ତେଣୁ ସମସ୍ତେ ଏ କ୍ଷେତ୍ରରେ ଅଧିକ ସତର୍କ ରହିବା ଆବଶ୍ୟକ ବୋଲି ସେ କହିଥିଲେ। ଗଞ୍ଜାମ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ କୋଭିଡ୍ ନିୟମ ପଞ୍ଚସୁତ୍ରି ପାଳନକୁ ଅବମାନନା କରୁଥିବା ବ୍ୟବସାୟୀ, ବ୍ୟକ୍ତି ବିଶେଷ କିମ୍ବା ଅନୁଷ୍ଠାନ ବିରୋଧରେ ଆବଶ୍ୟକ ହେଲେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ତହସିଲଦାର।

# ସ୍ୱଚ୍ଛ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର

ଆସିକା,୯।୧୧(ଡି.ଏନ୍.ଏ.)

ଆସିକା ଏନଏସି ପକ୍ଷରୁ ସୋମବାର ୨୦୨୧ ଲାଗି ସ୍ୱଚ୍ଛ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଂଜନ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନଏସିର କନିଷ୍ଠ ପରିମଳ ପରାମର୍ଶଦାତା ଦିପ୍ତୀମୟୀ ସାହୁ, ପରିମଳ ପରିଦର୍ଶକ ଅଜିତ ପଟ୍ଟନାୟକଙ୍କ ସମେତ ଝାଡୁଦାର, ସ୍ୱଚ୍ଛସାଥୀ, ସୁପରଭାଇଜରମାନେ ଯୋଗଦେଇଥିଲେ । ସହରରୁ ସଂଗ୍ରହ କରାଯାଉଥିବା ବର୍ଜ୍ୟବସ୍ତୁର ସଦୁପଯୋଗ ସମ୍ପର୍କରେ ଆଲୋଚନା କରାଯିବା ସହ ସହରର ପରିମଳ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ କରିବା ଦିଗରେ କର୍ମଚାରୀମାନେ ଅଧିକ ଯତ୍ନବାନ ହେବା ଲାଗି ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ସ୍ୱଚ୍ଛସର୍ବେକ୍ଷଣ ୨୦୨୦ରେ ଉଲ୍ଲେଖନୀୟ ସେବା ଲାଗି ବହୁ କର୍ମଚାରୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

# ବ୍ରଜନଗର ଉନ୍ନୟନ ପରିଷଦର ବୈଠକ

ବ୍ରହ୍ମପୁର ଅଫିସ,୯।୧୧

ବ୍ରଜନଗର ଉନ୍ନୟନ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଶିବ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ରଜନଗର ବାସିନ୍ଦା ତଥା ମୟୂରଭଞ୍ଜ ରାଇରଙ୍ଗପୁରର ଏଏସ୍‌ପି ଅଶୋକ କୁମାର ପଟ୍ଟନାୟକଙ୍କ କୋଭିଡରେ ବିୟୋଗ ଯୋଗୁ ଶୋକ ପ୍ରସ୍ତାବ ଆଗତ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେହିପରି ପରିଷଦର ସଦସ୍ୟ ମହେଶ୍ୱର ଜେନାଙ୍କ ଅକାଳ ବିୟୋଗରେ ମଧ୍ୟ ନିରବ ପ୍ରାର୍ଥନା କରାଯାଇ ସମସ୍ତ ଶହୀଦ୍ କୋଭିଡ୍ ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବୈଠକରେ ବ୍ରଜନଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଗଳି ସହିତ ସମସ୍ତ ସଂପ୍ରସାରିତ ଅଞ୍ଚଳର ବିପର୍ଯ୍ୟସ୍ତ ରାସ୍ତା ତୁରନ୍ତ ମରାମତି କରିବାକୁ ଦାବି କରାଯାଇଥିଲା। ସେହିପରି ଅଞ୍ଚଳର ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ସହିତ ଡ୍ରେନେଜ୍ ବ୍ୟବସ୍ଥା କରି ଆବଶ୍ୟକ ଷ୍ଟ୍ରିଟ୍ ଲାଇଟ୍ ଲଗାଇବାକୁ ଦାବି କରାଯାଇଥିଲା। ବୈଠକରେ ସମ୍ପାଦକ ସଞ୍ଜିବ କୁମାର ପଟ୍ଟନାୟକ, ଯୁଗ୍ମସମ୍ପାଦକ ଟି. ସୁଦେଶ କୁମାର ପାତ୍ର, ସହସମ୍ପାଦକ ଶ୍ରୀମନ୍ତ ପାଣିଗ୍ରାହୀ, ଗଣେଶ ଦାସ, ବି.ଭି ସାଗର, ସୁବାସ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡିଏଲ୍ଏସ୍ଏର ଜାତୀୟ ଆଇନ ସେବା ଦିବସ

ବ୍ରହ୍ମପୁର ଅଫିସ,୯।୧୧

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍ଏସ୍ଏ) ତରଫରୁ ଜାତୀୟ ଆଇନ ସେବା ଦିବସ ଜିଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ରାମଶଙ୍କର ହୋତାଙ୍କ ଅଧ୍ୟକ୍ଷତାରେ ଅନ୍‌ଲାଇନରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଦୌରା ଜଜ -୧ ପ୍ରସନ୍ନ କୁମାର ପଣ୍ଡା, ଭିଜିଲାନ୍ସ ଜଜ୍ ସୁବ୍ରତ କୁମାର ମହାନ୍ତି, ଆଇନଜୀବୀ ଟି.କେ. ରେଡ୍ଡୀ ଆଇନ ସେବା ଦିବସ ଉପରେ ସୂଚନା ଦେଇଥିଲେ। ପ୍ରାଧିକରଣ ତରଫରୁ ଦିଆଯାଉଥିବା ବିଭିନ୍ନ ଆଇନଗତ ସହାୟତା ଉପରେ ଆଲୋକପାତ କରିଥିଲେ। ଏଥିରେ ବହୁ ବିଚାର ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୧୦ ଶ୍ରମିକଙ୍କୁ ପଞ୍ଜୀକରଣ ପତ୍ର ଓ ସୋରଡ଼ା ବିଡିଓଙ୍କ ଜରିଆରେ ୭ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଥିଲା। ପ୍ରାଧିକରଣ ସଚିବ ଅଲ୍ପନା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅନ୍‌ଲାଇନରେ ଜାତୀୟ ଆଇନ ସେବା ଦିବସ ।

# ସଫେଇ, କୋଭିଡ୍ ନିୟମାବଳୀ ଅନୁଧ୍ୟାନ କଲେ ଜିଲାପାଳ

ବ୍ରହ୍ମପୁର ଅଫିସ,୯।୧୧

ବ୍ରହ୍ମପୁରରେ ସଫେଇ କାର୍ଯ୍ୟ ଓ କୋଭିଡ୍ ନିୟମାବଳୀ ପାଳନ ନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଅନୁଧ୍ୟାନ କରିଛନ୍ତି। କାର୍ତ୍ତିକ ଶେଷ ସୋମବାର ହୋଇଥିବାରୁ ଜିଲାପାଳ ସହରର ବିଭିନ୍ନ ଶୈବପୀଠ ପରିଦର୍ଶନ କରି କୋଭିଡ୍ ନିୟମାବଳୀ ପାଳନ କରୁ ନ ଥିବାରୁ ମନ୍ଦିର ପୂଜକ ତଥା କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିଲେ । ଏଥିସହ କୋଭିଡ୍ ନିୟମାବଳୀ ଉଲ୍ଲଂଘନ ଅଭିଯୋଗରେ ଗୋଟିଏ ମନ୍ଦିର ଜିଲାପାଳ ସିଲ କରିଥିବା ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ସୂଚନା ଦେଇଛନ୍ତି। ଏହାପରେ ସହରର ସାନବଜାର, ବଡବଜାର, କୋର୍ପୋରେଶନ ରୋଡ ଓ ଗେଟବଜାର ପ୍ରମୁଖ ଅଞ୍ଚଳ ସଫେଇ କାର୍ଯ୍ୟ ଅନୁଧ୍ୟାନ କରିଥିଲେ ।


ଜିଲାପାଳ ଓ ବିଏମ୍‌ସି କମିଶନର ସହର ସଫେଇ କାର୍ଯ୍ୟ ବୁଲି ଦେଖୁଛନ୍ତି।

# ଉନ୍ନୟନ କାର୍ଯ୍ୟ ପରିଦର୍ଶନ କଲେ ବିଧାୟକ

ବ୍ରହ୍ମପୁର ଅଫିସ,୯।୧୧

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସୋମବାର ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ପରିଦର୍ଶନ କରିଛନ୍ତି । ନିଗମ ୧୭ ନଂ. ୱାର୍ଡ ଅନ୍ତର୍ଗତ ରାଧାକୃଷ୍ଣ ସାହିର କଲ୍ୟାଣ ମଣ୍ଡପ ଗେଟବଜାରରେ ନିର୍ମାଣାଧୀନ ସ୍କୋର୍ଡ୍ସ ଏରିନା, ନୂଆବସ୍‌ଷ୍ଟାଣ୍ଡ, ବ୍ରହ୍ମାନଗର ଓ ଜ୍ୟୋତିନଗରରେ ଡ୍ରେନ୍ ସମସ୍ୟା,ଏମ୍‌କେସିଜି ମେଡିକାଲର ଡ୍ରେନ୍ ଓ ରୋଡ ବ୍ୟବସ୍ଥାର ବିଧାୟକ ଅନୁଧ୍ୟାନ କରିଛନ୍ତି । ପରିଦର୍ଶନ ବେଳେ ଦୀର୍ଘ ବର୍ଷ ଧରି ଦାବି ରହିଥିବା ବ୍ରହ୍ମାନଗର ଓ ଜ୍ୟୋତିନଗର ଡ୍ରେନେଜ୍ ବ୍ୟବସ୍ଥାର ତୁରନ୍ତ ସମାଧାନ କରାଯିବା ନେଇ ବିଧାୟକ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ରାଧାକୃଷ୍ଣ ସାହିରେ ଥିବା ବିଏମ୍‌ସିର ଖାଲି ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ, ଏମ୍‌କେସିଜି ମେଡିକାଲର ରାସ୍ତା ଓ ଡ୍ରେନ୍ ମରାମତି, ଗେଟବଜାର ମଣାଣିକୁ ସ୍ମାର୍ଟ କରାଯିବା, ବ୍ୟାଙ୍କ କଲୋନୀ ସିଦ୍ଧାର୍ଥନଗର ଅଞ୍ଚଳରେ ମଲଟି ଜିମ୍ ନିର୍ମାଣ ନେଇ ପ୍ରସ୍ତାବ ରହିଥିବା ବିଧାୟକ ପରିଦର୍ଶନ ବେଳେ ସୂଚାଇଥିଲେ । ସେହିପରି ବିଡିଏ ହାଉସିଂବୋର୍ଡ ଅଞ୍ଚଳର ଡ୍ରେନ୍, ରାସ୍ତା ମରାମତି କାର୍ଯ୍ୟ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି ଗେଟବଜାର ବୈକୁଣ୍ଠନଗରରେ ନିର୍ମାଣାଧୀନ ସ୍କୋର୍ଡ୍ସ ଏରିନା ମଧ୍ୟରେ ଇଣ୍ଡୋର ମଲଟିଜିମ୍, ସ୍କେଟିଂ ଗ୍ରାଉଣ୍ଡ, କବାଡି ଗ୍ରାଉଣ୍ଡ ନିର୍ମାଣ କାର୍ଯ୍ୟ ତ୍ୱରିତ ଆରମ୍ଭ କରାଯିବା ନେଇ ବିଧାୟକ ପରିଦର୍ଶନ ବେଳେ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ସହ ଆଲୋଚନା କରିଥିଲେ । ବିଧାୟକଙ୍କ ପରିଦର୍ଶନ ବେଳେ କମିଶନରଙ୍କ ସମେତ ନିଗମର ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।


ବିଧାୟକ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରୁଛନ୍ତି ।

# ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନରେ ଦୁର୍ନୀତି

- ମୃତବ୍ୟକ୍ତିଙ୍କ ନାଁରେ ଆସୁଛି ଭତ୍ତା
- ଟିପଚିହ୍ନ ମାରି ହଡ଼ପ କରାଯାଉଛି

ଦଶମନ୍ତପୁର,୯।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଡ଼ାବେଡ଼ାପଦର ପଞ୍ଚାୟତରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନରେ ଦୁର୍ନୀତି ହେଇଥିବା ଅଭିଯୋଗ ହୋଇଛି। କେତେଜଣ ବ୍ୟକ୍ତିଙ୍କ ନାଁରେ ଆସୁଥିବା ଭତ୍ତା ଟଙ୍କାକୁ ପଞ୍ଚାୟତ କର୍ମଚାରୀମାନେ ଖାତାରେ ନିଜେ ଟିପଚିହ୍ନ ମାରି ବର୍ଷ ବର୍ଷ ଧରି ହଡ଼ପ କରି ଆସୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯୋଗ୍ୟ ହିତାଧିକାରୀ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହେଉଥିବା ବେଳେ ମୃତ ବ୍ୟକ୍ତିଙ୍କ ନାଁରେ ଆସୁଥିବା ଭତ୍ତା ହଡ଼ପ କରାଯାଉଥିବା ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି । ମଙ୍ଗରାଗୁଡା ଗ୍ରାମର ମୃତ ବୈଦି ମୁଦୁଲିଙ୍କ ସ୍ୱାମୀ ମିନୁଙ୍କର ୨୦୧୯ ଏପ୍ରିଲ ୧୨ରେ ମୃତ୍ୟୁ ହୋଇଛି। ବେଡାପଦର ଗ୍ରାମର ଗୋରା ମୁଦୁଲିଙ୍କ ଗତ ଜୁନ ୨୨ରେ ମୃତ୍ୟୁ ହୋଇଛି । ଗୋପୀ ପ୍ରଧାନୀଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ନାଁରେ ଭତ୍ତା ବଣ୍ଟନ ଖାତାରେ ଟିପଚିହ୍ନ ମାରି ଭତ୍ତା ହଡପ ହେଉଛି। ଏହି ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟମାନେ କହିଛନ୍ତି, ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେଲା ପରେ ସାଙ୍ଗେ ସାଙ୍ଗେ ତାଙ୍କ ଭତ୍ତାକାର୍ଡ ଓ ଆଧାରକାର୍ଡ ପଞ୍ଚାୟତରେ ମାଗି ରଖି ଦେଉଛନ୍ତି । ପିଇଓ ଏବଂ ସରପଞ୍ଚମାନେ ଜାଣିଶୁଣି ମୃତ ବ୍ୟକ୍ତିମାନଙ୍କ ନାମ ଭତ୍ତା ତାଲିକାରୁ କାଟୁନାହାନ୍ତି ବୋଲି କହିଛନ୍ତି। ସେମାନଙ୍କ ନାମରେ ଆସୁଥିବା ଭତ୍ତା ଟଙ୍କାକୁ ଟିପଚିହ୍ନ ମାରି ହଡ଼ପ କରୁଛନ୍ତି। ସରପଞ୍ଚ ମଙ୍ଗଳୀ ଜାନି ସରପଞ୍ଚ ଭତ୍ତା ସହ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ପ୍ରତି ମାସରେ ନେଉଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଟଟାଗୁଡା ଗ୍ରାମର ଭକ୍ତ ମୁଦୁଲିଙ୍କ ସ୍ତ୍ରୀ ଦୈମତୀ ମୁଦୁଲିଙ୍କ ନାଁରେ ଡବଲ ଭତ୍ତା ଆସୁଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ଭତ୍ତା ବିତରଣ କଲାବେଳେ ମୃତବ୍ୟକ୍ତିମାନଙ୍କ ନାଁ ଧରି ଡକାଯାଉଛି। ଜଣେ ଜଣେ ୪/୫ ବର୍ଷ ହେଲା ମୃତ୍ୟୁବରଣ କଲେଣି। ଏଯାଏ ସେମାନଙ୍କ ନାଁ ଭତ୍ତା ତାଲିକାରୁ କଟାଯାଇନାହିଁ । ଭତ୍ତା ତାଲିକାରେ ଥିବା ମୃତ ବ୍ୟକ୍ତିମାନେ ହେଲେ ବଡ଼ ଜାନି, ଗୋରା ମୁଦୁଲି ଓ ହାରାମଣି କୁମାର, ବୈଦି ମୁଦୁଲି, ଜା ଜାନି, ବନମାଳୀ ରାଉତ, ଢୁମୁ ପ୍ରଧାନୀ, ଗୋପୀ ପ୍ରଧାନ। ସେମାନେ ମୃତ୍ୟୁବରଣ କରିସାରିଥିଲେ ମଧ୍ୟ ସେମାନଙ୍କ ନାମ ଭତ୍ତା ତାଲିକାରୁ କଟାଯାଇନାହିଁ। ଏ ସମ୍ପର୍କରେ ପିଇଓ ସୁଶାନ୍ତ କୁମାର ଶତପଥୀଙ୍କୁ ପଚାରିବାରୁ ସେ ବିଭିନ୍ନ ଆଳ ଦେଖାଇ ମୁଁ ଭତ୍ତା ଟଙ୍କା ଖାଉନାହିଁ, ଜାଣି ନାହିଁ ବୋଲି କହିଥିଲେ। ମୃତବ୍ୟକ୍ତିଙ୍କ ନାଁରେ ଆସୁଥିବା ବଳକା ଟଙ୍କା ସରକାରଙ୍କୁ ଫେରାଇ ଦେଇଛୁ ବୋଲି କହିଥିଲେ। ଅନ୍ୟପକ୍ଷରେ ଭତ୍ତା ମୁଁ ବାଣ୍ଟୁନାହିଁ ଜିଆର୍‌ଏସ୍ ସଙ୍ଗୀତା ସାହୁ ବାଣ୍ଟୁଛନ୍ତି। ସେମାନେ ଭୁଲ୍‌ଭାଲ କରୁଥିବେ ବୋଲି କହିଥିଲେ । ଜିଆର୍‌ଏସ୍ ସାହୁଙ୍କୁ ମୃତ ବ୍ୟକ୍ତିଙ୍କ ନାମରେ ଆସୁଥିବା ଟଙ୍କା ସମ୍ପର୍କରେ ପଚାରିବାରୁ ସେ ମଧ୍ୟ ମୁଁ ଏ ବିଷୟରେ ଜାଣିନି ବୋଲି କହିଥିଲେ। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସୀମାଞ୍ଚଳ ମହାପାତ୍ରଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ।



